# Akashvani, Sambalpur

## SAMBALPURI NEWS EVENING BULLETIN

**23 September 2025- 7.02 pm- 7.12 pm.**

************************************************

୧- ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ପ୍ରଦାନ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ପୁଷ୍କରାକେ ମିଲ୍‌ଲା ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ।

୨- ଆୟୁର୍ବେଦ୍ ସାରା ପୁର୍‌ଥିକେ ଭାରତର୍ ଗୁଟେ ବଡ଼ ଅବଦାନ୍- କହେଲେ ମୁଖ୍ୟମନ୍ତ୍ରୀ ।

୩- ବିଧାନ ସଭା ନ କଂଗ୍ରେସର୍ ଅନାସ୍ଥା ପ୍ରସ୍ତାବ୍‌କେ ଆଏଜ୍ ଭିଲ୍ ଅଗ୍ରାହ୍ୟ କଲେ ବାଚସ୍ପତୀ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର ନ ସ୍ଥାୟୀ ରତ୍ନଭଣ୍ଡାର୍‌କେ ସ୍ଥାନାନ୍ତର ହେଲା ମାହାପୁରୁମାନ୍‌କର ରତ୍ନ ଅଳଙ୍କାର ।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନ୍ ନ ୨୦୨୩ ବଛର୍ ଲାଗି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଛନ୍ । ତାଙ୍କ ସାଙ୍ଗେ କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସଚିବ ସଞ୍ଜୟ ଜାଜୁ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସିନ୍‌ମା ତିଆରି, କାହାଣୀ ଆଉ ଅଭିନୟ କ୍ଷେତ୍ରଥି ଭଲ ପ୍ରଦର୍ଶନ ଲାଗି ଇ ପୁରସ୍କାର ଦିଆଯାଇଛେ । ଇ ଅବ୍‌ସରେ ବରିଷ୍ଠ ମାଲୟାଲମ ଅଭିନେତା, ନିର୍ଦ୍ଦେଶକ ମୋହନଲାଲଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର୍ ପ୍ରଦାନ୍ କରାଯାଇଛେ । ଇତାର୍ ସହେତେ 'ପୁଷ୍କରା'କେ ଓଡିଆ ଚଳଚ୍ଚିତ୍ର ବର୍ଗଥି ସବୁନୁ ଭଲ୍ ସିନ୍‌ମା ଭାବେ ପୁରସ୍କାର ମିଳିଛେ ।

ପ୍ରଧାନମନ୍ତ୍ରୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ଓଡ଼ିଶା ଗସ୍ତଥି ଆସ୍‌ବେ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଳିଛେ । ଇ ଅବ୍‌ସରେ ସେ ଝାରସୁଗୁଡ଼ା ନ ଗୁଟେ ସଭାଥି ଯୋଗ୍‌ଦେଇକରି ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଆୟୁର୍ବେଦ୍ ଦିବସ-ମୁଖ୍ୟମନ୍ତ୍ରୀ I&PR

ଆୟୁର୍ବେଦ୍ ସାରା ପୁର୍‌ଥିକେ ଭାରତର୍ ଗୁଟେ ବଡ଼ ଅବଦାନ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଜୟଦେବ ଭବନ୍‌ଠାନେ ଆଏଜ୍ ହେଇଥିବା ରାଜ୍ୟସ୍ତରୀୟ ଆୟୁର୍ବେଦ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆୟୁର୍ବେଦ୍ ହଉଛେ ଜୀବନ୍‌ର ଗୁଟେ ଧାରା । ଆୟୁର୍ବେଦ୍ ଖାଲି ଗୁଟେ ଚିକିତ୍ସା ପ୍ରଣାଲୀ ନୁହେ, ମାତର୍‌କ ମାନବ୍ ଜାତିର୍ କଲ୍ୟାଣ ଲାଗି ଆମର୍ ଜ୍ଞାନ୍ ଆଉ ଦାର୍ଶନିକ୍ ଦୃଷ୍ଟିକୋଣକେ ଉପସ୍ଥାପନ୍ କର୍‌ବାର୍‌ଟା ଆମର୍ ଉଦ୍ଦେଶ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ କହିଛନ୍, ଆୟୁର୍ବେଦ୍ ଚିକିତ୍ସା ପଦ୍ଧତି ଜରିଏ ଅଏତ୍‌କା ଲୁକ୍‌କୁ ଉନ୍ନତ୍ ସେବା ଯୁଗେଇ ଦିଆଯିବା । ୮୫ କୋଟି ଟଙ୍କା ଖର୍ଚ୍ଚାଥି ରାଇରଙ୍ଗପୁରଠାନେ ନୂଆ ଆୟୁର୍ବେଦିକ୍ କଲେଜ୍ ଥାପ୍‌ନା ହେବା । ଢେଙ୍କାନାଲ୍, ବ୍ରହ୍ମପୁର ଆଉ ବାଲେଶ୍ୱର ନ ୩ଟା ଇଂଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ୍ ତିଆର୍ ଚାଲିଛେ । ଇ ବଛର୍ ଆହୁରି ୮ଟା ନୂଆ ପଂଚକର୍ମ କେନ୍ଦ୍ର ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ କହିଛନ୍ ।

ସୂଚ୍‌ନା ଅନ୍‌ସାରେ, ଆୟୁର୍ବେଦ୍‌ର ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ଜାତୀୟ ଆୟୁର୍ବେଦ୍ ଦିବସ୍ ପାଲନ୍ କରାଯାଉଛେ । ମୁନୁଷ୍ ଆର୍ ଜୀବଜଗତ୍ ସହେତେ ପରିବେଶ୍‌ର ସନ୍ତୁଲନ୍ ରକ୍ଷା

କର୍‌ବାର୍ ଦିଗେ ଆୟୁର୍ବେଦ୍‌କେ ମୁଖ୍ୟସ୍ରୋତଥି ଆଗ୍‌କେ ବଢ଼ାବାର୍ ଲାଗି ଆଝିର୍ ଦିନ୍‌କେ ଜାତୀୟ ଆୟୁର୍ବେଦ୍ ଦିବସ୍ ଭାବେ ସାରାଦେଶେ ପାଲନ୍ କରାଯାଉଛେ । ଜାତୀୟ ଆୟୁର୍ବେଦ୍ ଦିବ୍‌ସର ଇ ବଛ୍‌ରର୍ ବାର୍ତା ହେଉଛେ 'ପୃଥ୍ୱି ଆର୍ ସାଧାରଣ୍ ଲୁକ୍‌କର୍ ଲାଗି ଆୟୁର୍ବେଦ୍' ।

## ବିଧାନ୍‌ସଭା-୫ ନମ୍ବର୍ ଦିନ୍

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍‌ର ୫ ନମ୍ବର୍ ଦିନେ ଆଏଜ୍ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ଫେର୍ ଗୃହ କାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ମାତର୍‌କ ଉପର୍‌ବେଲା ଗୃହକାର୍ଯ୍ୟ ସ୍ୱାଭାବିକ୍ ଚାଲିଛେ ।

ଆଏଜ୍ ସଖାଲୁ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାଏର୍ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କରଉ ଗୁଟେ ପ୍ରଶ୍ନର୍ ଉତର ରଖୁଥିଲା ବେଲ୍‌କେ ବିରୋଧି ବିଜେଡି ସଦସ୍ୟମାନେ ହୋହଲ୍ଲା କରିଥିଲେ । ଇ ସମିଆଥି କଂଗ୍ରେସ ସଦସ୍ୟମାନେ ଭିଲ୍ କିର୍ଲାଗଗା କରିଥିଲେ । ଜବର୍ ହୋ-ହଲ୍ଲା ହେବାର୍‌ନୁ ବାଚସ୍ପତି

ସୁରମା ପାଢ଼ୀ ଗୃହକେ ଉପରବେଲା ୪ ବଜେତକ୍ ମୁଲତବୀ ଘୋଷଣା କରିଥିଲେ ।

ଉପରବେଲା ଗୃହକାର୍ଯ୍ୟ ୮ ମିନିଟ୍ ଚାଲିକରି ୭ ମିନିଟ୍ ତକ୍ ମୁଲ୍ତବୀ ହେଇଥିଲା । ୪ ବାଜିକରି ୧୫ ମିନିଟ୍ ବେଲ୍କେ ଗୃହକାର୍ଯ୍ୟ ମୁଲ୍ ହେଇକରି ସ୍ୱାଭାବିକ୍ ଚାଲିଥିଲା । ଗୃହ ନ ଗଲାକାଲି ଆଲୋଚନା ସରି ନାଇପାରିଥିବା ପ୍ରସଙ୍ଗ ମାନ୍କର ଉପ୍ରେ ଆଏଜ୍ ଫେରଘାଏ ଆଲୋଚନା ଚାଲିଛେ ।

ବିଧାନ୍ସଭା-ଅନାସ୍ଥା ପ୍ରସ୍ତାବ୍ ନୋଟିସ    ଭୁବ୍ନେଶ୍ୱର୍

ସମ୍ବାଦଦାତା

ବିଧାନ୍ସଭା ନ କଂଗ୍ରେସ୍ ତର୍ଫୁ ଆଗତ୍ ହେଇଥିବା ଦୁଇ ନମ୍ବର ଅନାସ୍ଥା ପ୍ରସ୍ତାବ୍ ନୋଟିସ୍କେ ବାଚସ୍ପତି ସୁରମା ପାଢ଼ୀ ଆଏଜ୍ ଭିଲ୍ ଅଗ୍ରାହ୍ୟ କରିଛନ୍ । ଗଲାକାଏଲ୍ ସଞ୍ଜବେଲା ୬ ବାଜିକରି ୪୪ ମିନିଟ୍ଥି କଂଗ୍ରେସ ଅନାସ୍ଥା ପ୍ରସ୍ତାବ୍ ଆନିଥିଲା । ମାତର୍କ ଗୁଟେ ଅଧିବେଶନ୍ଥି ସମାନ ପ୍ରସଙ୍ଗକେ ନେଇକରି ଫେର୍ଘାଏ ଅନ୍ାସ୍ଥା ପ୍ରସ୍ତାବ୍ ଅନାଯାଇ ନାଇପାରେ ବଲି କହିକରି ବାଚସ୍ପତି ପ୍ରସ୍ତାବ୍କେ ଅଗ୍ରାହ୍ୟ କରିଛନ୍ । ବିରୋଧି

ଦଲ୍‌କେ ଫେର୍‌ଘାଏ ଅନାସ୍ଥା ପ୍ରସ୍ତାବ୍ ଆନ୍‌ବାର୍‌କେ ହେଲେ ୬ ମାସ୍ ସମିଆ ଦର୍‌କାର ବଲି ବାଚସ୍ପତି କହିଛନ୍ । ବାଚସ୍ପତିଙ୍କର୍ ଘୋଷଣା ଉତ୍‌ରୁ କଂଗ୍ରେସ ସଦସ୍ୟମାନେ ଗୃହ ନ ହୋହଲ୍ଲା କରି କରି କକ୍ଷତ୍ୟାଗ୍ କରିଥିଲେ ।

ବିଲ୍‌ଡାଥନ୍-କେନ୍ଦ୍ରଶିକ୍ଷା ମନ୍ତ୍ରୀ ଏନ୍‌ଏସ୍‌ଡି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ନୂଆଦିଲ୍ଲୀନ ବିକଶିତ ଭାରତ ବିଲ୍ଡଆଥନ୍-୨୦୨୫ର ଶୁଭାରମ୍ଭ କରିଛନ୍ । ଦେଶର ଯୁଆନମାନ୍‌ଙ୍କର ଉଦ୍ଭାବନ, ସମସ୍ୟାର ସମାଧାନ ଆଉ ସେମାନ୍‌ଙ୍କର ଆତ୍ମନିର୍ଭରତାକେ ତହଁକାବାରଟା ହେଉଛେ ଇ ଅଭିଯାନର ମୁଖ୍ୟ ଲକ୍ଷ୍ୟ ।

ଶିକ୍ଷା ମନ୍ତ୍ରଣାଳୟ ଅଧିନ୍‌ଥି ଥିବା ସ୍କୁଲ୍ ଶିକ୍ଷା ଆର୍ ସାକ୍ଷରତା ବିଭାଗ ଆଉ ନୀତି ଆୟୋଗ୍‌ର ଅଟଳ ଇନୋଭେସନ୍ ମିଶନ୍‌ର ମିଳିତ ଉଦ୍ୟମଥି ଦେଶେ ବିକଶିତ ଭାରତ ବିଲ୍ଡଆଥନ୍-୨୦୨୫ ଆଏବା ଅକ୍ଟୋବର ମାସ ୧୩ତାରିଖ ଦିନ୍ ଆୟୋଜନ୍ ହେବା । ଇଟା ଯୁଆନ୍‌ମାନ୍‌କୁ ଆତ୍ମନିର୍ଭର ଭାରତ୍, ସ୍ୱଦେଶୀ, ଭୋକାଲ୍ ଫର୍ ଲୋକାଲ୍ ଆଉ ସମୃଦ୍ଧ ଭାରତ୍ ବିଷେ ଉପରେ ଚିନ୍ତାଧାରା, ଡିଜାଇନ୍ ଆଉ

ପ୍ରୋଟୋଟାଇପ୍ ତିଆର୍ କର୍‌ବାର୍‌କେ ପ୍ରେରଣା ଦେବା । ଛାତ୍ରଛାତ୍ରୀମାନେ ଇଥି ସାମିଲ୍ ହେବାର ଲାଗି ଆଏଜ୍ ଠାନୁ ଆଏବା ଅକ୍ଟୋବର ୬ତାରିଖ୍ ତକ୍ ପଞ୍ଜିକରଣ କର୍‌ପାର୍‌ବେ । ଦେଶର ୬ଲାକ୍ଷ୍ ସ୍କୁଲର ୧୨କୋଟି ଛାତ୍ରଛାତ୍ରୀ ଇଥି ସାମିଲ୍ ହେବା ବଲି ଆଶ୍ କରାଯାଉଛେ ।

## ବିଦ୍ୟାଳୟ ଅଧ୍ୟକ୍ଷଙ୍କର ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍

ଭୁବନେଶ୍ୱର ସମ୍ବାଦଦାତା

ଉଚ୍ଚ ମାଧମିକ୍ ଶିକ୍ଷା ନିର୍ଦ୍ଦେଶାଳୟ-ଡିଏଚ୍‌ଏସ୍‌ଇ ତର୍‌ଫୁ ଶହେ ୨ଟା ନୂଆକରି ଉନ୍ନିତ୍ ଉଚ୍ଚ ମାଧମିକ୍ ବିଦ୍ୟାଳୟର୍ ଅଧକ୍ଷ ଆଉ ୧୭ଟା ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀମାନଙ୍କୁ ନେଇକରି ଗୁଟେ ଦିନ୍‌କିଆ ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ ଭୁବନେଶ୍ୱର କୃଷିଭବନ୍ ପ୍ରେକ୍ଷାଳୟ ନ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦଙ୍କର ସହେତେ ନିର୍ଦ୍ଦେଶାଳୟର୍ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ୍‌ର ପହେଲା ଅଧିବେଶନ୍‌ଥି ସାମ୍‌ସ ପୋର୍ଟାଲ୍ ଜରିଏ ୨୦୨୫-୨୬ ବଛର୍ ଲାଗି ଇ-ଏଡ୍‌ମିଶନ୍ ଆଉ ଉନ୍ନିତ ଉଚ୍ଚ

ମାଧ୍ୟମିକ୍ ବିଦ୍ୟାଳୟମାନ୍‌କର ଲାଗି ଫି’ର ଢାଂଚା ବାଦ୍‌ବେ ଆଲୋଚନା ହେଇଥିଲା ।

ରତ୍ନଭଣ୍ଡାର- ରତ୍ନ ସ୍ଥାନାନ୍ତର ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମରାମତି ହେଇଥିବା ସ୍ଥାୟୀ ରତ୍ନଭଣ୍ଡାର୍‌କେ ମାହାପୁରୁମାନ୍‌କର୍ ରତ୍ନ ଅଲଙ୍କାର୍ ସ୍ଥାନାନ୍ତର୍ କରାଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ଦିନର୍ ୧୦ ବାଜିକରି ୫୫ ମିନିଟ୍‌ନୁ ସ୍ଥାନାନ୍ତର ପ୍ରକ୍ରିୟା ମୁଲ୍ ହେଇକରି ମଏଧାନର୍ ୨ ବାଜିକରି ୫୫ ମିନିଟ୍ ବେଲ୍‌କେ ସରିଥିଲା । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଗୁଟେ ୧୧ ଝନିଆ କମିଟି ଗଠନ୍ କରାଯାଇଛେ । ସଭେ ପାରମ୍ପରିକ ପୋଷାକ୍ ପିନ୍ଧିକରି କାମ୍‌ଥି ଲାଗିଥିଲେ । ରତ୍ନ ଅଲଙ୍କାର ସ୍ଥାନାନ୍ତର ହେବାର୍ ଉତ୍‌ରୁ ବ୍ୟବସ୍ଥା ଅନ୍‌ସାରେ ମୁଲ୍ ଭିତର୍ ରତ୍ନଭଣ୍ଡାରକେ ତାଲା ପକେଇକରି ମାଜିଷ୍ଟ୍ରେଟ୍‌ଙ୍କର୍ ଉପସ୍ଥିତିଥି ସିଲ୍ କରାଯାଇଥିଲା । ତାର୍ ଉତ୍‌ରୁ ଚାବିକେ ଜିଲ୍ଲା ଟ୍ରେଜେରୀଠାନେ ଜମା ଦିଆଯାଇଥିଲା । ସବୁ ପ୍ରକ୍ରିୟାର୍ ଭିଡିଓଗ୍ରାଫୀ ଭିଲ୍ କରାଯାଇଥିଲା ।

ସେବା ପର୍ବ-          ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ସହେତେ ଉଦ୍ୟୋଗୀ ହେବାର୍ ଦିଗେ କେନ୍ଦ୍ର ସର୍‌କାର୍ ନେଇଥିବା ପଦ୍‌କ୍ଷେପ୍ ବାବ୍‌ଦେ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ କେନ୍ଦ୍ର ସରକାର ଚାକ୍‌ରି ତିଆର୍ କର୍‌ବାର୍ ଆଉ ନିଯୁକ୍ତି ସୁଯୋଗକେ ସମ୍ପ୍ରସାରଣ କର୍‌ବାର୍‌ଟାକେ ଅଏତ୍‌କା ଗୁରୁତ୍ୱ ଦେଇ ଆସିଛନ୍ ।*

*ପ୍ରଧାନମନ୍ତ୍ରୀ ଅକ୍ଟୋବର ୨୦୨୨ ବେଲ୍‌କେ ରୋଜ୍‌ଗାର ମେଲା ମୁଲ୍ କରି କରି ସାରା ଦେଶେ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ଧାରାକେ ତହଁକଇେଥିଲେ । ଏବ୍‌ତକ୍ ୧୬ଟା ଜାତୀୟ*

*ରୋଜ୍‌ଗାର୍ ମେଲା ଜରିଏ ୧୦ ଲାଖ୍‌ନୁ ଅଏତ୍‌କା ଯୁଆନ୍ ପିଲାଟୁକେଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ସ୍ୱାଧୀନତା ଦିବସ୍ ଅବ୍‌ସରେ ଲାଲ୍‌କିଲ୍ଲାନୁ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ବିକଶିତ୍ ଭାରତ୍ ରୋଜଗାର ମେଲାର୍ ଶୁଭାରମ୍ଭ କରିଥିଲେ । ଇଟାର୍ ଜରିଏ ସାଢ଼େ ୩ କୋଟି ଯୁଆନ୍ ପିଲାଟୁକେଲ୍‌ଙ୍କୁ ନିଯୁକ୍ତି ଦେବାର୍‌କେ ଲକ୍ଷ୍ୟ ରଖାଯାଇଛେ ।*

*(ଭଏସ୍ ଓଭର----ପ୍ରଧାନମନ୍ତ୍ରୀ)*

ସରସ ମେଲା ଏକ୍ସ

ନୂଆଦିଲ୍ଲୀଠାନେ ସେପ୍ଟେମ୍ବର ୫ନୁ ୨୨ ତାରିଖ୍‌ତକ୍ ଚାଲିଥିବା ଜାତୀୟ ସ୍ତରର୍ ସରସ ମେଲା-୨୦୨୫ନ ହସ୍ତତନ୍ତ ଷ୍ଟଲ୍ ବର୍ଗଥି ସମ୍ବଲପୁର ଜିଲ୍ଲାର୍ ମାଁ ଗଜଲକ୍ଷ୍ମୀ ସ୍ୱୟଂ ସହାୟକ୍ ଗୋଷ୍ଠୀର୍ ସଦସ୍ୟା ସୀମା ମେହେର ୩ ନମ୍ବର୍ ପୁରସ୍କାର୍ ପାଇଛନ୍ । ଜାତୀୟ ସ୍ତର୍‌ନ ପୁରସ୍କୃତ୍ ହେଇକରି ଶ୍ରୀମତୀ ମେହେର୍ ନିଜର୍ ଇଲାକା ସହେତେ ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ଇ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସାମାଜିକ୍ ଗଣମାଧମ୍ ଜରିଏ ସୂଚ୍‌ନା ଦେଇକରି ତାଙ୍କୁ ଶୁଭେଚ୍ଛା ଜେନାଇଛନ୍ ।

ବୃକ୍ଷରୋପଣ         ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆଏଜ୍ ଦିନ୍‌କିଆ ନୂଆପଡ଼ା ଗସ୍ତ କରି କରି ଖଡ଼ିଆଲଠାନେ ଭିନ୍ ଭିନ୍ ଉନ୍ନୟନ୍ କାମ୍‌ଥି ଯୋଗ୍ ଦେଇଛନ୍ । ଖଡ଼ିଆଲ୍‌ଠାନେ ସେବା ପକ୍ଷ ଅବ୍‌ସରେ ହେଇଥିବା 'ଏକ୍ ପେଡ୍ ମାଁ କେ ନାମ୍' କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଗଛ ଜଗାବାର୍ ସଙ୍ଗେ ରକ୍ତଦାନ୍ ଶିବିର୍‌କେ ଉଦ୍‌ଘାଟନ୍ କରିଛନ୍ ।

ଜିଆକଟା ବାଣ ଗୋଦାମ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଜିଆକଟା ଗାଁନ ଫଟ୍‌କା ଗୁଦାମ୍‌ଥି ବିସ୍ଫୋରଣ ଘଟ୍‌ନା ନ ପୁଲିସ ୫ ଝନ୍‌କୁ ଗିରଫ୍ କରିଛେ ବଲି ଦକ୍ଷିଣାଂଚଲ୍ ପୁଲିସ ଆଇଜି ନୀତି ଶେଖର୍ ସୂଚ୍‌ନା ଦେଇଛନ୍ । ପୁରୁଣାକଟକ ବଜାର୍ ପାଖେ ଜିଆକଟା ଗାଁ ନ ଗଲା ରଏବାର୍ ଦିନ ହେଇଥିବା ଫଟ୍‌କା ଗୋଦାମ୍ ବିସ୍ଫୋରଣ ଘଟ୍‌ନାଥି ଝନ୍‌କର ଜୀବନ୍ ଯାଇଥିବାର୍ ବେଲେ ୧୨ ଝନ୍ ଜବର୍ ଜଖମ୍ ହେଇଛନ୍ ।

ବ୍ରହ୍ମଚାରିଣୀ ବେଶ        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁରର୍ ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀ ଆଏଜ୍ ବ୍ରହ୍ମଚାରିଣୀ ବେଶ୍‌ଥି ଭକ୍ତଙ୍କୁ ଦର୍ଶନ୍ ଦଉଛନ୍ । ମହାଳୟା ଦିନ ଧବଲ୍‌ମୁଖୀ ବେଶ୍, ଦ୍ୱିତୀୟା ଦିନ ଶୈଳପୁତ୍ରୀ ବେଶ୍ ଉତ୍‌ରୁ ଆଏଜ୍ ତିନ୍ ନମ୍ବର ଦିନେ ମାଁଙ୍କର୍ ବ୍ରହ୍ମଚାରିଣୀ ବେଶ୍ ଦେଖିବାର୍‌କେ ଭକ୍ତଙ୍କର ଭିଡ୍ ଲାଗିଛେ । ସୁରେଶ୍ୱରୀ ମନ୍ଦିର ପରିସର୍ ଯଜ୍ଞ ମଣ୍ଡପ୍ ନ ୯ ଦିନିଆ ଅଖଣ୍ଡ ଚଣ୍ଡୀଯଜ୍ଞ ଗଲାରାତିନୁ ମୁଲ୍ ହେଇଛେ । ସେନ୍ତା ରାଜବାଟୀର୍ କନକଦୁର୍ଗା ଭଗବତୀ, ରାମଚଣ୍ଡୀ, ସମଲେଇ, ଦଶମତି ପ୍ରମୁଖ ଅଷ୍ଟଚଣ୍ଡୀ ମନ୍ଦିର ନ ଭିଲ୍ ଷୋଡ଼ଶ ଉପଚାର୍‌ଥି ପାରମ୍ପରିକ୍ ପୂଜା ଚାଲିଛେ ।

ସ୍ୱଚ୍ଛତା ହିଁ ସେବା ପକ୍ଷ        କଳାହାଣ୍ଡି ସମ୍ବାଦଦାଦା

କଳାହାଣ୍ଡି ଜିଲ୍ଲା ପ୍ରଶାସନ ଆଉ ପୌର ପରିଷଦ୍ ତର୍‌ଫୁ ସ୍ୱଚ୍ଛତା ହିଁ ସେବା ପକ୍ଷ ଅବ୍‌ସରେ ଆଏଜ୍ ସହରେ ସଫେଇ କରାଯାଇଥିଲା । ସହରର୍ ପୁରୁଣାପଡ଼ା ଆଶ୍ରୟସ୍ଥଳୀ, ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସାମ୍ନା ଇଲାକାର୍ ରାସ୍ତା ସଫା କରାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପାଖାପାଖି ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼୍, ବଲାଙ୍ଗୀର ସହେତେ ଭିନ୍ ଭିନ୍ ଜାଗାନ ବର୍ଷା ଲାଗି ରହିଛେ ।